ପତ୍ର ସଂ–୯୨/୨୦୨୬ **ସପ୍ତାହ-୪୬** **ମଙ୍ଗଳବାର, ତାରିଖ-୧୭.୧୧.୨୦୨୬**

ଭବାନୀପାଟଣା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ)	୧୩୪୮.୮/୬୭
ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ	୦/୦
ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (°C)	୨୯.୮
ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (°C)	୧୫.୩

କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

ଜିଲ୍ଲା	ତାରିଖ	ବର୍ଷାର ପରିମାଣ (ମି.ମି.)	ସର୍ବାଧିକ ତାପମାତ୍ରା (°ସେ.)	ସର୍ବନିମ୍ନ ତାପମାତ୍ରା (°ସେ.)	ଆକାଶରେ ମେଘର ପରିମାଣ (ଅକଟା)	ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%)	ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%)	ପବନର ବେଗ (କି.ମି. ପ୍ରତି ଘଣ୍ଟା)	ପବନର ଦିଗ (ଡିଗ୍ରୀ)
କଳାହାଣ୍ଡି	୧୮-୧୧-୨୦୨୬	୦	୩୧	୧୬	୨	୮୬	୪୫	୨	୪୫
	୧୯-୧୧-୨୦୨୬	୧	୩୦	୧୬	୩	୯୧	୪୯	୬	୨୨
	୨୦-୧୧-୨୦୨୬	୨୫	୩୦	୧୮	୬	୯୭	୬୯	୭	୩
	୨୧-୧୧-୨୦୨୬	୩୦	୨୮	୧୮	୬	୯୬	୬୪	୫	୨୭
	୨୨-୧୧-୨୦୨୬	୧୦	୨୮	୧୭	୪	୯୫	୭୧	୫	୩୬୦

ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ୨୦ ରୁ ୨୨ ନଭେମ୍ବର ମଧ୍ୟରେ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ସହିତ ୨୦ ତାରିଖଠାରୁ ଆକାଶ ମୁଖ୍ୟତଃ ମେଘୁଆ ରହିବାର ପୂର୍ବାନୁମାନ ରହିଛି । ଆଗାମୀ ପାଞ୍ଚ ଦିନରେ ପବନ ମୁଖତଃ ଉତ୍ତର-ପୂର୍ବ ଦିଗ ଆଡୁ ଘଣ୍ଟା ପ୍ରତି ୨ ରୁ ୭ କିଲୋମିଟର ବେଗରେ ବହିବାର ଆଶଙ୍କା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୨୮ ରୁ ୩୧ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାକୁ ଥିବାବେଳେ ରାତିରେ ସର୍ବନିମ୍ନ ତାପମାତ୍ରା ୧୬ ରୁ ୧୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାର ସମ୍ଭାବନା ରହିଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୬ ରୁ ୯୫ ପ୍ରତିଶତ ଏବଂ ଅପରାହ୍ନ ସମୟରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୪୫ ରୁ ୭୧ ପ୍ରତିଶତ ମଧ୍ୟରେ ରହିବାର ପୂର୍ବାନୁମାନ ରହିଛି ।

ବର୍ତ୍ତମାନ ପାଣିପାଗ ସ୍ଥିତି: ଦକ୍ଷିଣ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରର କେନ୍ଦ୍ରୀୟ ଅଂଶ ଉପରେ ରହିଥିବା ବାତ୍ୟା "ଆକଭାନ୍" (Akvan) [ଉଚ୍ଚାରଣ: ଆକଭାନ୍] ବିଗତ ୦୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୦୩ କିଲୋମିଟର ବେଗରେ ଧୀରେ ଧୀରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆଜି ୧୭ ନଭେମ୍ବର, ୨୦୨୬ ସକାଳ ୦୮:୩୦ ସମୟରେ ସେହି ଅଞ୍ଚଳର ଅକ୍ଷାଂଶ ୧୨.୨° ଉତ୍ତର ଏବଂ ଦ୍ରାଘିମା ୮୫.୭° ପୂର୍ବ ନିକଟରେ କେନ୍ଦ୍ରୀଭୂତ ହୋଇ ରହିଛି। ଏହା ଚେନ୍ନାଇ (ତାମିଲନାଡୁ) ଠାରୁ ପ୍ରାୟ ୬୧୦ କି.ମି. ପୂର୍ବ, ତ୍ରିଙ୍କୋମାଲି (ଶ୍ରୀଲଙ୍କା) ଠାରୁ ୬୩୦ କି.ମି. ଉତ୍ତର-ପୂର୍ବ, ମଛଲିପଟ୍ଟନମ୍ (ଆନ୍ଧ୍ରପ୍ରଦେଶ) ଠାରୁ ୬୬୦ କି.ମି. ଦକ୍ଷିଣ-ପୂର୍ବ, ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ) ଠାରୁ ୬୭୦ କି.ମି. ଦକ୍ଷିଣ-ଦକ୍ଷିଣପୂର୍ବ ଏବଂ ଗୋପାଳପୁର (ଓଡ଼ିଶା) ଠାରୁ ୭୯୦ କି.ମି. ଦକ୍ଷିଣ ଦିଗରେ ଅବସ୍ଥିତ। ଏହା ଧୀରେ ଧୀରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆଜି ୧୭ ନଭେମ୍ବର, ୨୦୨୬ ସନ୍ଧ୍ୟା ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଆହୁରି ଘନୀଭୂତ ହୋଇ ଏକ ଭୀଷଣ ବାତ୍ୟାରେ ପରିଣତ ହେବାର ପ୍ରବଳ ସମ୍ଭାବନା ରହିଛି। ଏହାପରେ, ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହିତ ୧୯ ନଭେମ୍ବର ସକାଳ ସୁଦ୍ଧା ଆହୁରି ଘନୀଭୂତ ହୋଇ ଏକ ଅତି ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ଅଛି। ଉତ୍ତର-ପଶ୍ଚିମ ଦିଗକୁ ଗତି ଜାରି ରଖି, ଏହା ୨୦ ନଭେମ୍ବର, ୨୦୨୬ ମଧ୍ୟାହ୍ନ ସୁଦ୍ଧା ଏକ ଅତି ଭୀଷଣ ବାତ୍ୟା ରୂପରେ ନେଲୋର ଏବଂ ଚୁନି ମଧ୍ୟବର୍ତ୍ତୀ ଆନ୍ଧ୍ରପ୍ରଦେଶ ଓ ୟାନାମ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ସମୟରେ ପବନର ସର୍ବାଧିକ ନିରନ୍ତର ବେଗ ଘଣ୍ଟାପ୍ରତି ୧୨୦-୧୩୦ କି.ମି. ରହିବା ସହିତ ଝଟକା ପବନର ବେଗ ଘଣ୍ଟାପ୍ରତି ୧୪୫ କି.ମି. ପର୍ଯ୍ୟନ୍ତ ଯାଇପାରେ।

ଚେତାବନୀ : ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ଝଡ଼ବର୍ଷା ଏବଂ ଘଣ୍ଟାପ୍ରତି ୪୦-୬୦ କିଲୋମିଟର ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି (୧୯.୧୧.୨୦୨୬ ରୁ ୨୧.୧୧.୨୦୨୬ ପର୍ଯ୍ୟନ୍ତ ବୈଧ)। ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି (୨୦.୧୧.୨୦୨୬ ସକାଳ ୦୮:୩୦ ଠାରୁ ୨୨.୧୧.୨୦୨୬ ସକାଳ ୦୮:୩୦ ପର୍ଯ୍ୟନ୍ତ ବୈଧ)।

କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

ସାଧାରଣ ପରାମର୍ଶ

- ୧୭.୧୧.୨୦୨୬ ତାରିଖରେ ଭୁବନେଶ୍ୱରସ୍ଥିତ ପାଣିପାଗ କେନ୍ଦ୍ର ରୁ ପ୍ରାପ୍ତ ପାଣିପାଗ ସତର୍କ ସୂଚନା ଅନୁଯାୟୀ, ଅତି ଭୀଷଣ ବାତ୍ୟା "ଆକଭାନ୍" (Akvan) ପ୍ରଭାବରେ ୨୦–୨୧ ନଭେମ୍ବରରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ସହିତ ୧୯–୨୧ ନଭେମ୍ବର ମଧ୍ୟରେ ବଜ୍ରପାତ ଓ ଘଣ୍ଟାପ୍ରତି ୪୦–୬୦ କିଲୋମିଟର ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି। ଚାଷୀମାନେ ନିୟମିତ ଭାବେ ଭାରତ ପାଣିପାଗ ବିଭାଗ (IMD) ର ପାଣିପାଗ ସତର୍କ ସୂଚନା ଅନୁସରଣ କରନ୍ତୁ ଏବଂ କ୍ଷେତରେ ଥିବା ତଥା ଅମଳ ହୋଇଥିବା ଫସଲର ସମ୍ଭାବ୍ୟ କ୍ଷତିକୁ କମ୍ କରିବା ପାଇଁ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରନ୍ତୁ ।
- ପ୍ରତିକୂଳ ପାଗ ସମୟରେ କୃଷି ସମ୍ବନ୍ଧୀୟ କ୍ଷେତ୍ର କାର୍ଯ୍ୟରୁ ବିରତ ରୁହନ୍ତୁ, ଘର ଭିତରେ ରୁହନ୍ତୁ ଏବଂ ଅନାବଶ୍ୟକ ଯାତାୟାତରୁ ଦୂରେଇ ରୁହନ୍ତୁ।

- ଯଦି ସୋରିଷ/ତୋରିଆ, ମୁଗ, ବିରି, ଚିନାବାଦାମ, ଚଣା ଏବଂ ମସୁର ଭଳି ରବି ଫସଲ ବୁଣିବା କାର୍ଯ୍ୟ ଏପର୍ଯ୍ୟନ୍ତ ବାକି ଅଛି, ତେବେ ପାଗ ଅନୁକୂଳ ହେବା ପର୍ଯ୍ୟନ୍ତ କିଛି ଦିନ ପାଇଁ ବୁଣାବୁଣି କାର୍ଯ୍ୟ ସ୍ଥଗିତ ରଖନ୍ତୁ।
- ଅତ୍ୟଧିକ ବର୍ଷା ଜଳ ନିଷ୍କାସନ ପାଇଁ ନୂତନ ଭାବେ ବୁଣାଯାଇଥିବା ଜମି ଏବଂ ଅଣ-ଧାନ ଫସଲ କ୍ଷେତରେ ଥିବା ଜଳ ନିଷ୍କାସନ ନାଳୀଗୁଡ଼ିକୁ ସୁଦୃଢ଼ ଓ ସଫା କରନ୍ତୁ। ଯେଉଁ ଜମିରେ ଜଳ ନିଷ୍କାସନ ନାଳୀ ନାହିଁ, ସେଠାରେ ଉପଯୁକ୍ତ ଜଳ ନିଷ୍କାସନ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ନାଳୀ ତିଆରି କରନ୍ତୁ।
- ୧୯ ତାରିଖଠାରୁ ପାଗ ଅନୁକୂଳ ହେବା ପର୍ଯ୍ୟନ୍ତ ଫସଲରେ ସାର ପ୍ରୟୋଗ ଏବଂ କୀଟନାଶକ ସିଞ୍ଚନ କାର୍ଯ୍ୟ ସ୍ଥଗିତ ରଖନ୍ତୁ।
- ବର୍ଷା ଆରମ୍ଭ ହେବା ପୂର୍ବରୁ ପାକଳ ହୋଇଥିବା ଫଳ ଏବଂ ପନିପରିବା ତୋଳି ନିଅନ୍ତୁ ଏବଂ ସେଗୁଡ଼ିକୁ ଏକ ସୁରକ୍ଷିତ ଓ ଶୁଖିଲା ସ୍ଥାନରେ ସାଇତି ରଖନ୍ତୁ। ପ୍ରବଳ ବର୍ଷା ଯୋଗୁଁ ହେଉଥିବା କ୍ଷତିରୁ ଚାରାଗୁଡ଼ିକୁ ରକ୍ଷା କରିବା ପାଇଁ ପନିପରିବା ତଳିଘରା ଗୁଡ଼ିକୁ ପଲିଥିନ୍ ଦ୍ୱାରା ଘୋଡ଼ାଇ ରଖନ୍ତୁ।
- ବର୍ଷା ଆରମ୍ଭ ହେବା ପୂର୍ବରୁ ଗୃହପାଳିତ ପ୍ରାଣୀଙ୍କ ଆଶ୍ରୟସ୍ଥଳକୁ ସୁଦୃଢ଼ କରନ୍ତୁ ଏବଂ ଛାତର କଣା ବା କ୍ଷତିଗ୍ରସ୍ତ ଅଂଶର ମରାମତି କରନ୍ତୁ। ଆଖପାଖର ନାଳନର୍ଦ୍ଦମା ସଫା ରଖନ୍ତୁ ଏବଂ ବର୍ଷା ଓ ବଜ୍ରପାତ ସମୟରେ ଗୃହପାଳିତ ପ୍ରାଣୀମାନଙ୍କୁ ଏକ ସୁରକ୍ଷିତ ଆଶ୍ରୟସ୍ଥଳରେ ରଖନ୍ତୁ।

ସଂକ୍ଷିପ୍ତ ବାର୍ତ୍ତା	▪ ଅତି ଭୀଷଣ ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି, ଚାଷୀମାନେ ୧୯ ତାରିଖ କିମ୍ବା ତା'ପୂର୍ବରୁ ପାକଳ ହୋଇଥିବା ଫସଲର ଅମଳ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଶସ୍ୟକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରନ୍ତୁ ।

ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ

ଫସଲ ର ନାମ	ଫସଲ ଅବସ୍ଥା	ପରାମର୍ଶ
କ୍ଷେତୁ ଫସଲ		
ଖରିଫ ଧାନ	**ମଞ୍ଜି ପୂର୍ତ୍ତି ରୁ ପାକଳ ଅବସ୍ଥା**	▪ ଯଦି ଧାନ ଫସଲ ପାକଳ ହୋଇସାରିଛି, କିମ୍ବା କେଣ୍ଡାର ୮୦–୮୫% ଧାନ ପାଚି ଯାଇଛି, ତେବେ ୧୮ ତାରିଖ ପୂର୍ବରୁ ଫସଲ ଅମଳ କରି ନିଅନ୍ତୁ। ଅମଳ ହୋଇଥିବା ଧାନକୁ କ୍ଷେତରେ ଖୋଲାରେ ଛାଡ଼ନ୍ତୁ ନାହିଁ; ଏହାକୁ ଖଳାକୁ ନେଇ ପଲିଥିନ୍ ଦ୍ୱାରା ସୁରକ୍ଷିତ ଭାବେ ଘୋଡ଼ାଇ ରଖନ୍ତୁ। ଜମିରୁ ମାତ୍ରାଧିକ ପାଣିର ନିଷ୍କାସନ ପାଇଁ ନାଳି କୁ ସଫା ଓ ସୁଦୃଢ କରନ୍ତୁ ଏବଂ ନାଳି ମୁହଁ ଖୋଲା ରଖନ୍ତୁ ।
କପା	**ବକରା ବିକଶିତ ରୁ ବକରା ଫୁଟିବା ଅବସ୍ଥା**	▪ ସମ୍ଭବ ହେଲେ, ସମ୍ପୂର୍ଣ୍ଣ ଖୋଲିଯାଇଥିବା ବକରା ଗୁଡ଼ିକୁ ତୁରନ୍ତ ତୋଳି ନିଅନ୍ତୁ ଏବଂ ବର୍ଷାଜନିତ କ୍ଷତିରୁ ରକ୍ଷା କରିବା ପାଇଁ ସେଗୁଡ଼ିକୁ ଏକ ସୁରକ୍ଷିତ, ଶୁଖିଲା ତଥା ଘୋଡ଼ଣୀ ଥିବା ସ୍ଥାନରେ ସାଇତି ରଖନ୍ତୁ। ଜମିରୁ ଅତିରିକ୍ତ ପାଣି ବାହାର କରିବା ଏବଂ ଜଳବନ୍ଦୀ ସମସ୍ୟାକୁ ଏଡ଼ାଇବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ବଜାୟ ରଖନ୍ତୁ। ବର୍ଷା ସମ୍ପୂର୍ଣ୍ଣ ବନ୍ଦ ନ ହେବା ଏବଂ ପାଗ ଅନୁକୂଳ ନ ହେବା ପର୍ଯ୍ୟନ୍ତ କୀଟନାଶକ ପ୍ରୟୋଗକୁ ସ୍ଥଗିତ ରଖନ୍ତୁ।
ମକା, ଡାଲି ଓ ତୈଳବୀଜ ଜାତୀୟ ଫସଲ	**ମଞ୍ଜି ପୂର୍ତ୍ତି ରୁ ପାକଳ ଅବସ୍ଥା**	▪ ପାକଳ ହୋଇଥିବା ଫସଲଗୁଡ଼ିକୁ କ୍ଷେତରେ ଖୋଲାରେ ନ ଛାଡ଼ି ଅମଳ କରି ନିଅନ୍ତୁ ଏବଂ ଅମଳ ହୋଇଥିବା ଶସ୍ୟକୁ ବର୍ଷା ପାଣିରୁ ଦୂରରେ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରନ୍ତୁ। ଆର୍ଦ୍ରତା ଜନିତ କ୍ଷତି ଏବଂ ଅମଳ ପରବର୍ତ୍ତୀ ନଷ୍ଟକୁ କମ୍ କରିବା ପାଇଁ ଅମଳ ହୋଇଥିବା ଶସ୍ୟକୁ ଏକ ଶୁଖିଲା ଏବଂ ଉଚ୍ଚା ସ୍ଥାନରେ ସାଇତି ରଖନ୍ତୁ। ଜମିରୁ ଅତିରିକ୍ତ ପାଣି ଶୀଘ୍ର ବାହାର କରିବା ପାଇଁ ନାଳଗୁଡ଼ିକୁ ସଫା କରନ୍ତୁ ଏବଂ ଉପଯୁକ୍ତ ଜଳ ନିଷ୍କାସନ ପଥ ପ୍ରସ୍ତୁତ ରଖନ୍ତୁ।
ଉଦ୍ୟାନ କୃଷି		
ପନିପରିବା (ଟମାଟୋ, ବାଇଗଣ, ଲଙ୍କା, କୋବି ଜାତୀୟ, ଲତା ଜାତୀୟ)	**ନର୍ସରୀ ରୁ ଅମଳ ଅବସ୍ଥା**	▪ ପାକଳ ହୋଇସାରିଥିବା ଫସଲର ଅମଳ ତୁରନ୍ତ ସାରି ଦିଅନ୍ତୁ ଏବଂ ତାହାକୁ ଶୀଘ୍ର ଏକ ଶୁଖିଲା, ସୁରକ୍ଷିତ ତଥା ଘୋଡ଼ଣୀ ଥିବା ଆଶ୍ରୟସ୍ଥଳରେ ସାଇତି ରଖନ୍ତୁ। ▪ ପ୍ରତିକୂଳ ପାଗ ସମୟରେ ବିହନ ବୁଣା ଏବଂ ତଳି ରୋପଣ କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ; ଫସଲର ଉତ୍ତମ ବୃଦ୍ଧି ଲାଗି ପରିସ୍ଥିତି ସମ୍ପୂର୍ଣ୍ଣ ଅନୁକୂଳ ହେବା ପରେ ହିଁ ଏହି କାର୍ଯ୍ୟ ପୁନର୍ବାର ଆରମ୍ଭ କରନ୍ତୁ। ▪ ତଳିଘରା (ନର୍ସରୀ) ଗୁଡ଼ିକୁ ଉପଯୁକ୍ତ ପଲିଥିନ୍ ଦ୍ୱାରା ଘୋଡ଼ାଇ ରଖନ୍ତୁ, ଯାହାଫଳରେ ପ୍ରବଳ ବର୍ଷାର ସିଧାସଳଖ ମାଡ଼ରୁ ଛୋଟ ଚାରାଗୁଡ଼ିକ ରକ୍ଷା ପାଇପାରିବେ। ▪ ପନିପରିବା ଜମିରୁ ବର୍ଷାର ଅତିରିକ୍ତ ପାଣି ବାହାର କରିବା ଏବଂ ଜଳବନ୍ଦୀ ସମସ୍ୟାକୁ ଏଡ଼ାଇବା ପାଇଁ ନାଳଗୁଡ଼ିକୁ ଖୋଲି ସଫା ରଖନ୍ତୁ ତଥା ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା ନିଶ୍ଚିତ କରନ୍ତୁ। ▪ ଖରାପ ପାଗର ପ୍ରକୋପରୁ ଲତା ଜାତୀୟ ଫସଲକୁ ବଞ୍ଚାଇବା ପାଇଁ ଭଙ୍ଗାରୁଜା ମଞ୍ଚା ର ମରାମତି କରନ୍ତୁ ଏବଂ ମଜଭୁତ ଖୁଣ୍ଟି ବା ଠେକ ଦେଇ ତାହାକୁ ସୁଦୃଢ଼ କରନ୍ତୁ।
ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ		
ଗାଈ, ମଇଁଷି, ଛେଳି, ମେଣ୍ଢା, କୁକୁଡ଼ା		▪ ଗୁହାଳ ଭିତରକୁ ବର୍ଷା ପାଣି ପଶିବାକୁ ରୋକିବା ତଥା ଗୃହପାଳିତ ପଶୁମାନଙ୍କ ସୁରକ୍ଷା ପାଇଁ ଆଶ୍ରୟସ୍ଥଳର ଭଙ୍ଗା ବା ନଷ୍ଟ ହୋଇଥିବା ଅଂଶଗୁଡ଼ିକର ମରାମତି କରି ତାହାକୁ ସୁଦୃଢ଼ କରନ୍ତୁ।

	▪ ଗୋଖାଦ୍ୟକୁ ଆର୍ଦ୍ରତା ବା ଓଦାଳିଆ ଭାବରୁ ରକ୍ଷା କରିବା ପାଇଁ ସୁରକ୍ଷିତ ଭାବେ ସାଇତି ରଖନ୍ତୁ ଏବଂ ପଶୁମାନଙ୍କ ପାଇଁ ବିଶୁଦ୍ଧ ପିଇବା ପାଣିର ବ୍ୟବସ୍ଥା ନିଶ୍ଚିତ କରନ୍ତୁ। ▪ ବର୍ଷା ଏବଂ ଓଦାଳିଆ ପାଗ ଯୋଗୁଁ ନଷ୍ଟ ହେବାର ଆଶଙ୍କା ଏଡ଼ାଇବା ପାଇଁ ଶୁଖିଲା ଘାସ ବା ନଡ଼ା ଭଳି ଖାଦ୍ୟକୁ ଏକ ଉଚ୍ଚ ତଥା ଭଲ ଭାବରେ ଘୋଡ଼ଣୀ ଥିବା ସ୍ଥାନକୁ ସ୍ଥାନାନ୍ତରିତ କରନ୍ତୁ। ▪ ପ୍ରବଳ ବର୍ଷା ଏବଂ ଘଡ଼ଘଡ଼ି ସମୟରେ ପଶୁମାନଙ୍କୁ ଖୋଲାରେ ନ ଛାଡ଼ି ସୁରକ୍ଷିତ ଘର ବା ଗୁହାଳ ଭିତରେ ବାନ୍ଧି ରଖନ୍ତୁ।

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ “ମଉସମ”, ପାଣିପାଗ ଭିତିକ କୃଷି ସୂଚନା ପାଇଁ “ମେଘଦୂତ” ଓ ବିଜୁଳି ସତର୍କ ସୂଚନା ପାଇଁ “ଦାମିନୀ” ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।
କୃଷିରେ ଅଧିକତର ଲାଭ ନିମନ୍ତେ ଓସୁଏଟି କଲିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).
ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)